# Prime Minister Shri Narendra Modi Speaks to His Excellency Mr. Boris Johnson, Prime Minister of the United Kingdom

November 27, 2020

## ବ୍ରିଟେନ ପ୍ରଧାନମନ୍ତ୍ରୀ ଶ୍ରୀ ବୋରିସ ଜନସନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

27 ନଭେମ୍ବର୍, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରିଟେନ ପ୍ରଧାନମନ୍ତ୍ରୀ ମହାମହିମ ବୋରିସ ଜନସନଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି ।

କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ ବିଷୟରେ ଦୁଇ ନେତା ମତ ବିନିମୟ କରିଥିଲେ ଏବଂ ଟିକା ବିକାଶ ତଥା ଉତ୍ପାଦନ କ୍ଷେତ୍ରରେ ଭାରତ ଏବଂ ବ୍ରିଟେନ ମଧ୍ୟରେ ସହଯୋଗ ନେଇ ସମୀକ୍ଷା କରିଥିଲେ ।

ଦୁଇ ନେତା କୋଭିଡ ଓ ବ୍ରେକସିଟ ପରବର୍ତ୍ତୀ କାଳରେ ଭାରତ-ବ୍ରିଟେନ ସହଭାଗୀତାକୁ ସୁଦୃଢ କରିବା ଏବଂ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ବୈଜ୍ଞାନିକ ଅନୁସନ୍ଧାନ ଏବଂ ପ୍ରତିରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଅନେକ ସମ୍ଭାବନା ରହିଛି ବୋଲି ସହମତ ହୋଇଥିଲେ ।

ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢେଇରେ ଭାରତ ଏବଂ ବ୍ରିଟେନ ମିଳିତ ହେବା ଉପରେ ସେମାନେ ବିଶେଷ ଗୁରୁତ୍ୱାରୋପ କରିଥିଲେ ଏବଂ ଆନ୍ତର୍ଜାତିକ ସୌର ମେଣ୍ଟ ଏବଂ ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି ଭଳି ପ୍ଲାଟଫର୍ମରେ ସେମାନଙ୍କର ସହଯୋଗକୁ ପ୍ରଶଂସା କରିଥିଲେ ।

ଉଭୟେ ସହମତ ହୋଇଥିଲେ ଯେ, ଭାରତ-ବ୍ରିଟେନ ସହଭାଗୀତା ପାଇଁ ଦୀର୍ଘକାଳୀନ ରୋଡମ୍ୟାପ ଶୀଘ୍ର ଚୂଡ଼ାନ୍ତ କରିବା ପାଇଁ ଉଭୟ ପକ୍ଷର ଅଧିକାରୀମାନେ ଏଦିଗରେ କାର୍ଯ୍ୟ ଜାରି ରଖିବେ ।

ନୂଆ ଦିଲ୍ଲୀ
27 ନଭେମ୍ବର୍, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.